# Akashvani, Sambalpur

## SAMBALPURI NEWS BULLETIN

### 26 February 2025- 6.47- 6.52 am.

***********************************************************

ମହାଶିବରାତ୍ରୀ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ପବିତ୍ର ମହାଶିବରାତ୍ରୀ । ଫଗୁନ୍ ମାସର୍ ଅନ୍ଧାର୍ ପଖର୍ ଚତୁର୍ଦ୍ଦଶୀ ତିଥିଥି ସାରା ରାଏଜେ ଆଏଜ୍ ଶିବରାତ୍ରୀ ପାଲନ୍ କରାଯାଉଛେ । ଶିବପଂଚାକ୍ଷରି ମନ୍ତ୍ରଥି ଗାଁନୁ ସହର୍‌ତକ୍ ଚଲ୍‌ଚଂଚଲ୍ ହେଉଛେ । ଶିବିରାତ୍ରୀ ଅବ୍‌ସରେ ରାଏଜର୍ ଶିବମନ୍ଦିର୍ ମାନ୍‌କେ ଭକ୍ତମାନ୍‌କର୍ ଭୋର୍‌ନୁ ଭିଡ଼୍ ଲାଗି ରହିଛେ । ଶ୍ରଦ୍ଧାଳୁମାନେ ଉପାସ୍ କରି କରି ପହ ପହନୁ ଶୈବ ପୀଠମାନ୍‌କେ ଜଳାଭିଷେକ କରୁଛନ୍ । ପଶ୍ଚିମଓଡ଼ିଶାର ଅଷ୍ଟଶମ୍ଭୁ ପୀଠ ନ ଶ୍ରଦ୍ଧାଳୁ ମାନ୍‌କର୍ ଅପରବଲ ଭିଡ଼୍ ହେଇଛେ ।

ସେନ୍ତା ପୁରୀ ଶ୍ରୀ ଲୋକ୍‌ନାଥ ଦେବଙ୍କର୍ ପୀଠ ନ ରାତିର୍ ୧୨ ବଜେ ଦୁଆରଫିଟା ନୀତି ହେବାର୍ ଉତ୍‌ରୁ ମଙ୍ଗଲ୍ ଆଲ୍‌ତୀ, ମଇଲମ ଆର୍ ଅବକାଶ ବାଗିର୍ ନୀତିକାନ୍ତି ସରିକରି ପହପହ ୩ ବଜେନୁ ସର୍ବସାଧାରଣ୍‌ଙ୍କର୍ ଦର୍ଶନ୍ ମୁଲ୍ ହେଇଛେ ।

ମହାକୁମ୍ଭ ଆର୍‌ଏନ୍‌ୟୁ/ କଟକ୍

ପ୍ରୟାଗ୍‌ରାଜ୍ ନ ଐତିହାସିକ୍ ମହାକୁମ୍ଭ ମେଳା ଆଏଜ୍ ମହାଶିବରାତ୍ରୀ ଅବ୍‌ସରେ ଶେଷ୍ ହେବା । ଇତାକେ ଦିବ୍ୟ ଆର୍ ଆକର୍ଷଣୀୟ କର୍‌ବାର୍ ଲାଗି ଉତର୍‌ପ୍ରଦେଶ୍ ସର୍‌କାର୍‌ଙ୍କର୍ ତର୍‌ଫୁ ବ୍ୟାପକ୍ ପ୍ରସ୍ତୁତି କରାଯାଇଛେ । ମହାଶିବରାତ୍ରୀକେ ଧ୍ୟାନ୍‌ଥି ରଖିକରି ଆଏଜ୍ ଅକ୍ଷୟ ବଟ ଆର୍ ସରସ୍ୱତୀ କୂଆଁ ସହେତେ ସବୁ ଗୁରୁତ୍ୱପୂର୍ଣ୍ଣ ଜାଗା ମାନ୍‌କେ ଖାସ୍ ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ଗଲା ଜାନୁଆରୀ ୧୩ ତାରିଖ୍‌ନୁ ମୁଲ୍ ହେଇଥିବା ମହାକୁମ୍ଭଥି ଇହାଦେତକ୍ ୬୪ କୋଟିନୁ ଅଏତ୍‌କା ଶ୍ରଦ୍ଧାଳୁ ସଙ୍ଗମ୍ ନ ବୁଡ଼ ପକେଇସାଏଲେନ ବଲି ସର୍‌କାରୀ ସୂତ୍ରନୁ ଜନାପଡ଼ିଛେ ।

ଉପମୁଖ୍ୟମନ୍ତ୍ରୀ-ଓଡ଼ିଶା ଟ୍ରାଭେଲ୍ ବଜାର I&PR

ଆଏବା ୫୦ ବଛର୍ ଭିତ୍‌ରେ ରାଜ୍ୟର୍ ପର୍ଯ୍ୟଟନ୍ କ୍ଷେତ୍ରର୍ ବିକାଶ୍ ଲାଗି ଭିତିଭୂମି ତିଆର୍ ସହେତେ ଓଡ଼ିଶାକେ ଦୁଃସାହସିକ୍ ଆର୍ ଆବିଷ୍କାର୍ କ୍ଷେତ୍ରଥି ଗୁଟେ ଶ୍ରେଷ୍ଠ ଜାଗା ବନାବାର୍ ଲକ୍ଷ୍ୟ ରଖାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ ଆଉ ପର୍ଯ୍ୟଟନ୍ ମନ୍ତ୍ରୀ

ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ୬ ନମ୍ବର୍ ଓଡ଼ିଶା ଟ୍ରାଭେଲ୍ ବଜାର୍ ୨୦୨୫ ର ପ୍ରଦର୍ଶନୀକେ ଉଦ୍‌ଘାଟନ୍ କରିକରି ମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍, ରାଜ୍ୟ ଏଡ୍‌ଭେନ୍‌ଚର୍ ସ୍ପୋର୍ଟସ୍ ଲାଗି ଗୁଟେ ମୁଖିଆ ଜାଗା ହିସାବେ ଉଭା ହେଇଛେ ଆଉ ଇସବୁର ବିକାଶ୍ କରିକରି ଆଏବା ୫୦ ବଛର୍‌ତକ୍ ରାଜ୍ୟର୍ ପର୍ଯ୍ୟଟନ୍ କ୍ଷେତ୍ରର୍ ବିକାଶ୍ କର୍‌ବାର୍ ଲାଗି ନିହି ପକାବାର୍‌କେ ସର୍‌କାର୍ ଲକ୍ଷ୍ୟ ରଖିଛନ୍ ।

ଅଭିଲେଖ ସପ୍ତାହ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ରାଜ୍ୟ ଅଭିଲେଖାଗାର ନ ଅଭିଲେଖ ସପ୍ତାହ ପାଲନ୍ ଉତ୍ସବ୍ ଗଲାକାଏଲ୍ ମୁଲ୍ ହେଇଛେ । ରାଜ୍ୟ ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଆର୍ ପରମ୍ପରା ଆମର୍ ପରିଚୟ ଆଏ ଆଉ ଓଡ଼ିଶାର୍ ଗୌରବ୍‌ମୟ ଇତିହାସ୍ ଯୁଆନ୍ ପିଢ଼ି ଲାଗି ମାର୍ଗଦର୍ଶକ୍ ହେଉ ବଲି କହିଛନ୍ । ଇ ଅବ୍‌ସରେ 'ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ' ଶୀର୍ଷକ୍ ଗୁଟେ ଆଲୋଚନା ଚକ୍ର ଭିଲ୍ ହେଇଯାଇଛେ ।

ସୁଭଦ୍ରା ଶକ୍ତି ମେଳା            I&PR

ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍‌ଠାନେ ଚାଲିଥିବା ସୁଭଦ୍ରା ଶକ୍ତି ମେଳା -୨୦୨୫ ମେଳାର ୪ ନମ୍ବର୍ ଦିନ୍ ତକ୍ ୪୦ ହଜାର୍‌ନୁ ଅଏତ୍‌କା ଲୋକ୍ ଇନ ଠୋଲ୍ ହେଇଥିବାର୍ ବେଳେ ପାଖାପାଖି ୧ କୋଟିନୁ ଅଏତ୍‌କା ଟଙ୍କାର୍ ବିକ୍ରିବଟା ହେଇଛେ । ରାଜ୍ୟର୍ ଭିନ୍ ଭିନ୍ ଇଲାକାନୁ ୩ ଶହ ନୁ ଅଏତ୍‌କା ଷ୍ଟଲ୍ ଜରିଏ ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ ଉତ୍ପାଦକ ଗୋଷ୍ଠୀମାନେ ନିଜର୍ ଦରବ୍‌କେ ପ୍ରଦର୍ଶିତ୍ ଆର୍ ବିକ୍ରି କରୁଛନ୍ । ଇ ଅବ୍‌ସରେ ବର୍‌ଗଡ୍‌ର ସମ୍ବଲ୍‌ପୁରୀ ହସ୍ତତନ୍ତ, ସୁବର୍ଣ୍ଣପୁର୍‌ର ପାଟଶାଢ଼ୀ, ଅନୁଗୁଳ୍‌ର ଟେରାକୋଟା, ପୁରୀର ପଟ୍ଟଚିତ୍ର, କଟକ୍‌ର ତାର୍‌କଷୀ ମେଳାର୍ ମୁଖିଆ ଆକର୍ଷଣ୍ ହେଇଛେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ -ସମ୍ବଲ୍‌ପୁର୍        ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଜାତୀୟ ହସ୍ତତନ୍ତ ବିକାଶ୍ କାର୍ଯ୍ୟକ୍ରମ୍ ସହେତେ ଭିନ୍ ଭିନ୍ ଯୋଜ୍‌ନାଥି ସମ୍ବଲ୍‌ପୁର୍ ଜିଲ୍ଲାର୍ ବୁଣାକାର୍ ମାନ୍‌କୁ ପ୍ରଶିକ୍ଷଣ୍, ଆନୁସଙ୍ଗିକ ଭିତିଭୂମି ଆର୍ ଉପଯୁକ୍ତ ବଜାର୍ ଯୁଗେଇ ଦେଇକରି ସଶକ୍ତ ଆର୍ ସ୍ୱାବଲମ୍ବୀ

କର୍‌ବାର୍ ଲକ୍ଷ୍ୟ ରଖାଯାଇଛେ ବଲି କହିଛନ୍ । ଗଲାକାଏଲ୍ ଶ୍ରୀ ପ୍ରଧାନ୍ ପଡ଼ିଆବାହାଲ୍ ବଡ଼ତୁରଙ୍ଗ ଠାନେ ଜାତୀୟ ହସ୍ତତନ୍ତ ବିକାଶ୍ କାର୍ଯ୍ୟକ୍ରମ୍ ଅଧୀନ୍‌ଥି ବୁଣାକାର୍ ଆର୍ ହସ୍ତତନ୍ତ କାରିଗର୍‌ମାନ୍‌କୁ ବୁନ୍‌ବାର୍ ଉପକରଣ୍ ବାଂଟିଛନ ।

ସେନ୍ତା ସମ୍ବଲ୍‌ପୁର୍ ଜେଲ୍‌ଛକ୍ ପାଶେ ବନାହେଇଥିବା ଖାଓ ଗଲି ସୁଆଦ୍ ସମ୍ବଲ୍‌ପୁର୍‌କେ ଭିଲ୍ କେନ୍ଦ୍ରମନ୍ତ୍ରୀ ଉଦ୍‌ଘାଟନ୍ କରିଛନ୍ ।

୨ ଟା ବୋର୍ଡ଼ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼- ସିବିଏସ୍‌ଇ ତର୍‌ଫୁ ଆଏବା ଶିକ୍ଷାବଛର୍‌ନୁ ୧୦ କ୍ଲାସ୍‌ଥି ୨ ଟା ବୋର୍ଡ଼ ପରୀକ୍ଷା ହେବା । ଗୁଟେ ମୁଖ୍ୟ ପରୀକ୍ଷା ହେବାର୍ ସହେତେ ଆଉଗୁଟେ ଫଲାଫଲ୍‌ଥି ଉନ୍ନତି ଆନ୍‌ବାର୍ ଲାଗି କରାହେବା ଆର୍ ସେତାକେ ଛାତ୍ରଛାତ୍ରୀମାନେ ନିଜର୍ ଇଚ୍ଛା ମୁତାବକ୍ ଦେଇପାର୍‌ବେ ବଲି ବୋର୍ଡ଼ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇ ବାବ୍‌ଦେ ସିବିଏସ୍‌ଇ ତର୍‌ଫୁ ଗୁଟେ ଡ୍ରାଫ୍ଟ ପ୍ରସ୍ତୁତ୍ କରାଯାଇଛେ । ମାର୍ଚ୍ଚ ୯ ତାରିଖ୍‌ତକ୍ ଶିକ୍ଷକ୍, ଅଭିଭାବକ୍ ଆର୍ ଛାତ୍ରଛାତ୍ରୀମାନ୍‌କୁ ଇ ବାବ୍‌ଦେ ମତାମତ୍ ଦେବାର୍‌କେ ଆହ୍ୱାନ୍ କରାଯାଇଛେ ।

ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ସାହିତ୍ୟ ଏକାଡେମୀର ନୂଆଁ ସଚିବ ଭାବେ ଡକ୍ଟର୍ ଚନ୍ଦ୍ରଶେଖର୍ ହୋତାଙ୍କୁ ନିଯୁକ୍ତି ଦିଆଯାଇଛେ । ଡକ୍ଟର୍ ହୋତା ଇ ଦାୟିତ୍ୱ ସହେତେ ଓଡ଼ିଶା ସଙ୍ଗୀତ୍ ନାଟକ୍ ଏକାଡେମୀର୍ ସଚିବ ଭାବେ ଭିଲ୍ ଦାୟିତ୍ୱ ତୁଲାବେ । ଇ ବାବ୍‌ଦେ ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍ଫୁ ଗଲାକାଏଲ୍ ନିର୍ଦ୍ଦେଶ୍ ଜାରି କରାଯାଇଛେ ।

ରାଜ୍ୟସ୍ତରୀୟ ପୁଲିସ୍ ଏଥ୍‌ଲେଟିକ୍ ଚମ୍ପିଆନ୍‌ସିପ୍ I&PR

କଟକ୍ ବକ୍ସି ବଜାର୍‌ର ରିଜର୍ଭ ପୁଲିସ୍ ପଡ଼ିଆ ନ ୭୩ ନମ୍ବର୍ ରାଜ୍ୟସ୍ତରୀୟ ପୁଲିସ୍ ଏଥ୍‌ଲେଟିକ୍ ଚମ୍ପିଆନ୍‌ସିପ୍ ଗଲାକାଏଲ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସମାରୋହଥି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପରେଡ୍‌ର ଅଭିବାଦନ୍ ଗ୍ରହଣ୍ କର୍‌ବାର୍ ସହେତେ ଖେଲାଲିମାନ୍‌କୁ ପୁରସ୍କୃତ୍ କରିଥିଲେ । ଚମ୍ପିଆନ୍‌ସିପ୍‌ଥି ଭିନ୍ ଭିନ୍ ବାଟାଲିୟନ୍ ଆର୍ ୟୁନିଟ୍‌ର ୪୧ ଟା ପୁଲିସ୍ ଟିମ୍ ଭାଗ୍ ନେଇଥିବାର୍ ବେଲେ ଶହେ

୩୨ ଝନ୍ ମହିଳା ଖେଳାଳୀଙ୍କର୍ ସହେତେ ୭ ଶହ ୯୭ ଝନ୍ ଖେଳାଳି ଭାଗ୍ ନେଇଥିଲେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୩ ଦିନ୍‌ତକ୍ ପାଗ୍ ଶୁଖା ରହେବା । ବର୍ଷାକେ ନେଇକରି କେନ୍‌ସି ସତର୍କ ସୂଚ୍‌ନା ନାଇଁନ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ପୂର୍ବାନୁମାନ୍ କରିଛେ । ଇତାର୍‌ଉତ୍‌ରୁ ରାଜ୍ୟର୍ ସବୁନୁ କମ୍ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ ବଢ଼ିପାରେ ବଲି ପାଣିପାଗ୍ କେନ୍ଦ୍ର କହିଛେ ।